# NATIONAL NEWS BULLETIN (ODIA)

**25 May - 2025**

**Morning Bulletin : 7.15 A.M.**

**************************************************

## ମୁଖ୍ୟ ସମ୍ବାଦ

- ପୁରୀରୁ ଆସନ୍ତା ୨୯ ତାରିଖରେ ଆରମ୍ଭ ହେବ କେନ୍ଦ୍ର ସରକାରଙ୍କ ଦ୍ୱାରା ଘୋଷିତ ବିକଶିତ କୃଷି ସଂକଳ୍ପ ଅଭିଯାନ
- ପାକିସ୍ତାନର ଆତଙ୍କବାଦୀ କାର୍ଯ୍ୟକଳାପ ସଂପର୍କରେ ଦୃଢ଼ ଭାବେ ବିଶ୍ୱକୁ ଅବଗତ କରାଉଛନ୍ତି ସର୍ବଦଳୀୟ ସଂସଦୀୟ ପ୍ରତିନିଧି ଦଳ
- ଆଜି ପୂର୍ବାହ୍ନ ୧୧ଟାରେ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେବେ ପ୍ରଧାନମନ୍ତ୍ରୀ
- କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସୁଧହାର ୮ ଦଶମିକ ୨/୫ ପ୍ରତିଶତ ପ୍ରସ୍ତାବକୁ ମିଳିଲା ମଂଜୁରୀ

ଏବଂ

- ଆଇପିଏଲ୍‌ରେ ଗତକାଲି ଅନୁଷ୍ଠିତ ମ୍ୟାଚ୍‌ରେ ସପ୍ତମ ବିଜୟ ସହ ଅଭିଯାନ ଶେଷ କରିଛି ଦିଲ୍ଲୀ କ୍ୟାପିଟାଲ୍‌ସ

## ବିକ୍ସିତ କୃଷି ସଂକଳ୍ପ

କେନ୍ଦ୍ର ସରକାରଙ୍କ ଦ୍ୱାରା ଘୋଷିତ ବିକଶିତ କୃଷି ସଂକଳ୍ପ ଅଭିଯାନ ଆସନ୍ତା ୨୯ ତାରିଖରେ ଓଡ଼ିଶାର ପୁରୀରୁ ଆରମ୍ଭ ହେବ । କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂ ଚୌହାନ କହିଛନ୍ତି ଏହି ରାଷ୍ଟ୍ରୀୟ ଅଭିଯାନ ଦେଶର ୭୦୦ଟି ଜିଲ୍ଲା ପରିକ୍ରମା କରିବ, ଯେଉଁଥିରେ ବୈଜ୍ଞାନିକମାନଙ୍କ ଏକ ଦଳ ଗ୍ରାମାଞ୍ଚଳକୁ ଯାଇ କୃଷକମାନଙ୍କ ସହିତ ପ୍ରତ୍ୟକ୍ଷ ଭାବେ ଆଲୋଚନା କରିବେ । ନୂଆଦିଲ୍ଲୀରେ କୃଷି ବୈଜ୍ଞାନିକମାନଙ୍କର ଏକ ସମ୍ମିଳନୀକୁ ସମ୍ବୋଧିତ କରିବା ଅବସରରେ ମନ୍ତ୍ରୀ ଶ୍ରୀ ଚୌହାନ କହିଛନ୍ତି, ବିକଶିତ କୃଷି ସଂକଳ୍ପ ଅଭିଯାନରେ ୭୩୧ଟି କୃଷି ବିଜ୍ଞାନ କେନ୍ଦ୍ର, ୧୧୩ଟି କୃଷି ଅନୁସନ୍ଧାନ ପରିଷଦ, ରାଜ୍ୟସ୍ତରୀୟ କୃଷି ସଂପର୍କିତ ବିଭାଗ ଏବଂ କୃଷି, ଉଦ୍ୟାନ କୃଷି, ପଶୁପାଳନ, ମତ୍ସ୍ୟ ଆଦି ବିଭାଗର ଅଧିକାରୀମାନେ ସାମିଲ ହେବେ । ମନ୍ତ୍ରୀ କହିଛନ୍ତି, ସ୍ୱାଧୀନତା ପରେ ପ୍ରଥମଥର ଲାଗି ସରକାର କୃଷକମାନଙ୍କ ସହ ସିଧାସଳଖ ଯୋଗାଯୋଗ କରିବା ଲାଗି ଏଭଳି ପଦକ୍ଷେପ ଗ୍ରହଣ କରାଯାଉଛି । ପ୍ରାୟ ୧ କୋଟି ୫୦ ଲକ୍ଷରୁ ଅଧିକ କୃଷକ ଏହି ରାଷ୍ଟ୍ରୀୟ ଅଭିଯାନରେ ସିଧାସଳଖ ସାମିଲ ହେବେ ।

**V/O**

# ଅଲ୍ ପାର୍ଟି ଡେଲିଗେସନ

ସର୍ବଦଳୀୟ ସଂସଦୀୟ ପ୍ରତିନିଧି ଦଳ ପାକିସ୍ତାନର ଆତଙ୍କବାଦୀ କାର୍ଯ୍ୟକଳାପ ସଂପର୍କରେ ବିଶ୍ୱକୁ ଅବଗତ କରାଇବା ଲାଗି ବିଭିନ୍ନ ରାଷ୍ଟ୍ର ଗସ୍ତ କରିଛନ୍ତି । ସାଂସଦ ସଂଜୟ ଝାଙ୍କ ନେତୃତ୍ୱାଧୀନ ପ୍ରତିନିଧି ଦଳ ଗତକାଲି

ସନ୍ଧ୍ୟାରେ ଟୋକିଓରୁ ଯାଇ ଦକ୍ଷିଣ କୋରିଆର ସିଓଲ୍‌ରେ ପହଞ୍ଚିଛନ୍ତି । ଏହି ୩ ଦିନିଆ ଗସ୍ତ କାଳରେ ଭାରତର ଅପରେସନ ସିନ୍ଦୂର ପରବର୍ତ୍ତୀ ଆଭିମୁଖ୍ୟ ସଂପର୍କରେ ବିଶ୍ୱ ନେତୃବୃନ୍ଦଙ୍କୁ ଅବଗତ କରାଯାଉଛି । ଯେକୌଣସି ପ୍ରକାର ଆତଙ୍କବାଦୀ କାର୍ଯ୍ୟକଳାପ ବିରୁଦ୍ଧରେ  ଭାରତ ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ କରୁଥିବା ବିଷୟ ବିଭିନ୍ନ ଦେଶକୁ ପ୍ରତିନିଧି ଦଳ ଅବଗତ କରାଉଛନ୍ତି । ଦକ୍ଷିଣ କୋରିଆର ବିଦେଶ ମନ୍ତ୍ରଣାଳୟ, ଜାତୀୟ ଆସେମ୍ବ୍ଲିର ସଦସ୍ୟ ଏବଂ ବିଶେଷଜ୍ଞମାନଙ୍କ ସହ ଏ ନେଇ ଆଲୋଚନା ହୋଇଛି । ଆଲୋଚନା ପରେ ସାଂସଦ ଶ୍ରୀ ଝା କହିଛନ୍ତି :

**V/O**

ସାଂସଦ କାନିମୋଝିଙ୍କ ନେତୃତ୍ୱରେ ଯାଇଥିବା ପ୍ରତିନିଧି ଦଳ ରୁଷ୍‌ର ମସ୍କୋ ସ୍ଥିତ ଭାରତୀୟ ଦୂତାବାସରେ ଏକ ମିଳିତ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିତ କରିଛନ୍ତି । ସେ ପହଲଗାମ ଆତଙ୍କୀ ଆକ୍ରମଣରେ କିଭଳି ପାକିସ୍ତାନ ସୀମାପାର ଆତଙ୍କବାଦକୁ ପ୍ରଶ୍ରୟ ଦେଉଛି ଏବଂ ନିଜ ଦେଶର ସେନାବାହିନୀକୁ ଆତଙ୍କବାଦୀ କାର୍ଯ୍ୟକଳାପରେ ଲିପ୍ତ କରାଉଛି, ସେ ସଂପର୍କରେ ବିସ୍ତୃତ ସୂଚନା ଦେଇଥିଲେ ।

ସେ କହିଥିଲେ, ଜାତିସଂଘ ସୁରକ୍ଷା ପରିଷଦରେ  ସଂପୃକ୍ତ ଆତଙ୍କୀ ଗୋଷ୍ଠୀକୁ ପାକିସ୍ତାନ ସୁରକ୍ଷା ଦେଉଛି । ତେବେ ଭାରତ ପକ୍ଷରୁ କରାଯାଇଥିବା ଅପରେସନ ସିନ୍ଦୂରରେ ସାଧାରଣ ନାଗରିକଙ୍କର କୌଣସି କ୍ଷତି ଘଟିନାହିଁ ।

ପ୍ରତିନିଧି ଦଳ ରୁଷର ସାମ୍ବାଦିକ ଏବଂ ଗଣମାଧ୍ୟମ ବ୍ୟକ୍ତିତ୍ୱଙ୍କ ସହ ମଧ୍ୟ ଏ ନେଇ ବିସ୍ତୃତ ଆଲୋଚନା କରିଥିବା ଜଣାପଡ଼ିଛି ।

ଶିବସେନା ସାଂସଦ ଶ୍ରୀକାନ୍ତ ସିନ୍ଧେଙ୍କ ନେତୃତ୍ୱରେ ୟୁନାଇଟେଡ୍ ଆରବ ଏମିରେଟ୍ସ ଗସ୍ତ ଶେଷ କରିଥିବା ପ୍ରତିନିଧି ଦଳ କଙ୍ଗୋରେ ପହଞ୍ଚିଛନ୍ତି । ଗସ୍ତ ଶେଷରେ ପ୍ରତିନିଧି ଦଳ ୟୁଏଇର ନେତୃତ୍ୱଙ୍କୁ ଆତଙ୍କବାଦ ବିରୋଧୀ କାର୍ଯ୍ୟକଳାପକୁ ସଂପୂର୍ଣ୍ଣ ସମର୍ଥନ କରିବା ନେଇ ପ୍ରଶଂସା କରିଛନ୍ତି ।

ଅନ୍ୟପକ୍ଷରେ ସାଂସଦ ବୈଜୟନ୍ତ ପଣ୍ଡାଙ୍କ ନେତୃତ୍ୱରେ ଯାଇଥିବା ପ୍ରତିନିଧି ଦଳ ବାହାରିନ୍‌ରେ ପହଞ୍ଚିବା ପରେ ସୀମାପାର ଆତଙ୍କବାଦ ସଂପର୍କରେ ସେଠାକାର ନେତୃବୃନ୍ଦଙ୍କ ସହ ଆଲୋଚନା କରିବେ ।

ଆଜି ବିଜେପି ସାଂସଦ ରବି ଶଙ୍କର ପ୍ରସାଦଙ୍କ ନେତୃତ୍ୱାଧୀନ ସପ୍ତମ ପ୍ରତିନିଧି ଦଳ ଲଣ୍ଡନ, ଫ୍ରାନ୍ସ, ଜର୍ମାନୀ, ୟୁରୋପୀୟ ସଂଘ, ଇଟାଲୀ ଏବଂ ଡେନମାର୍କ ଗସ୍ତରେ ଯିବେ ।

# ପିଏମ୍-ମନ୍ କି ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ପୂର୍ବାହ୍ନ ୧୧ଟା ବେଳେ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେବେ । ଏହା ହେବ ମନ୍‌କି ବାତର ୧୨୨ତମ ସଂସ୍କରଣ । ଏହି କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟୱାର୍କ, ଆକାଶବାଣୀ ୱେବ୍‌ସାଇଟ୍ ଓ Newsonair ମୋବାଇଲ୍ Appରେ ଉପଲବ୍ଧ ହେବ । ଏହା ମଧ୍ୟ ଆକାଶବାଣୀ, DD News, PMO ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ

ସିଧା ପ୍ରସାରଣ ହେବ । ହିନ୍ଦୀ ଭାଷାରେ ପ୍ରସାରଣ ପରେ ଆକାଶବାଣୀରେ ଏହି କାର୍ଯ୍ୟକ୍ରମର ଆଞ୍ଚଳିକ ଭାଷାନ୍ତରଣ ପ୍ରସାରଣ କରାଯିବ । ରାତି ୮ଟାରେ ଆଞ୍ଚଳିକ ଭାଷାନ୍ତରଣର ପୁନଃ ପ୍ରସାରଣ କରାଯିବ ।

# ଗଭ୍-ଇପିଏଫ୍ ରେଟ୍

କେନ୍ଦ୍ର ସରକାର କର୍ମଚାରୀ ଭବିଷ୍ୟ ନିଧି ପାଣ୍ଠି- ଇପିଏଫ୍ ସୁଧ ହାର ୮ ଦଶମିକ ୨/୫ ପ୍ରତିଶତ ପ୍ରସ୍ତାବକୁ ମଂଜୁରୀ ପ୍ରଦାନ କରିଛନ୍ତି । ୨୦୨୪-୨୫ ଆର୍ଥିକ ବର୍ଷ ନିମନ୍ତେ ଏହି ମଂଜୁରୀ ମିଳିଥିବା ଜଣାପଡ଼ିଛି । ସିବିଟି ବୈଠକରେ ୮ ଦଶମିକ ୨/୫ ପ୍ରତିଶତ ଇପିଏଫ୍ ସୁଧହାର ପାଇଁ ପ୍ରସ୍ତାବ ଦିଆଯାଇଥିଲା । ଗତ ଫେବୃୟାରୀ ୨୮ ତାରିଖରେ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ଇପିଏଫ୍ ଜମା ଉପରେ ପୂର୍ବ ଆର୍ଥିକ ବର୍ଷରେ ପ୍ରଦାନ କରାଯାଇଥିବା ସୁଧହାର ସହିତ ସମାନ ୮ ଦଶମିକ ୨/୫ ପ୍ରତିଶତ ବଜାୟ ରଖିବାକୁ ନିଷ୍ପତ୍ତି ନିଆଯାଇଥିଲା । ୨୦୨୨-୨୩ରେ ଏହି ସୁଧହାର ୮ ଦଶମିକ ୧/୫ ପ୍ରତିଶତ ଥିଲା ।

ସୂଚନା ଅନୁଯାୟୀ ଚଳିତବର୍ଷ ମାର୍ଚ୍ଚ ୬ ତାରିଖ ସୁଦ୍ଧା କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ୨ କୋଟି ୧୬ ଲକ୍ଷରୁ ଅଧିକ ମାମଲାଗୁଡ଼ିକର ସ୍ୱୟଂକ୍ରିୟ ଭାବେ ସମାଧାନ କରିଛି ।

# ନୀତି ଆୟୋଗ-ଓଡ଼ିଶା ସିଏମ୍

ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨୦୪୭ ସୁଦ୍ଧା ବିକଶିତ ଭାରତ ଦୃଷ୍ଟିକୋଣ ପାଇଁ ସମସ୍ତ ରାଜ୍ୟକୁ ଏକତ୍ର କରିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଗତକାଲି ଅନୁଷ୍ଠିତ ନୀତି ଆୟୋଗ ପରିଚାଳନା ପରିଷଦର ଦଶମ ବୈଠକରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି, ଡବଲ୍ ଇଞ୍ଜିନ ସରକାର ଯୋଗୁଁ ଭାରତର ବିକାଶ ଅଭିବୃଦ୍ଧି ୬ ଦଶମିକ ୫ ପ୍ରତିଶତ ଏବଂ ଓଡ଼ିଶାର ବିକାଶ ଅଭିବୃଦ୍ଧି ୭ ଦଶମିକ ୨ ପ୍ରତିଶତ ସମ୍ଭବ ହୋଇପାରିଛି । ଏହି ଅବସରରେ ୭୩ ହଜାର କୋଟି ଟଙ୍କାର ରେଳ ପ୍ରକଳ୍ପ, ୪ ହଜାର ୬ଶହ କୋଟି ଟଙ୍କାର ରାଜମାର୍ଗ ପ୍ରକଳ୍ପ ଏବଂ ଆଗାମୀ ପ୍ରକଳ୍ପ ଗୁଡ଼ିକ ପାଇଁ ୧୭ ହଜାର ୫୦୦ କୋଟି ଟଙ୍କା ମଂଜୁର କରିଥିବାରୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ' ପ୍ରଧାନମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି । ସେ କହିଛନ୍ତି, ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କ ସହଯୋଗରେ ସୁଭଦ୍ରା ଯୋଜନାରେ ୧ କୋଟି ମହିଳାଙ୍କୁ ଆର୍ଥିକ ସହାୟତା, ୧ ଲକ୍ଷ ୫୦ ହଜାର ଲୋକଙ୍କୁ ନିଯୁକ୍ତି ସୁଯୋଗ ଭଳି ପଦକ୍ଷେପ ଗ୍ରହଣ କରିଛନ୍ତି ।

## ଏକ୍ସ ସର୍ଭିସ୍-ଡାଟା ଗ୍ଲିଚ୍

ସାମାଜିକ ଗଣମାଧ୍ୟମ ଏକ୍ସ ଗତ ୩ ଦିନ ହେବ ସଠିକ୍ ଭାବେ କାର୍ଯ୍ୟ କରୁନଥିବା ଜଣାପଡ଼ିଛି । ଏଲନ୍‌ମସ୍କଙ୍କ ଏକ୍ସ ଯାହା ପୂର୍ବରୁ ଟ୍ୱିଟର ନାମରେ ପରିଚିତ ଥିଲା, ଚଳିତମାସ ୨୨ ତାରିଖଠାରୁ ଅଚଳାବସ୍ଥା ଦେଇ ଗତିକରୁଛି ଏବଂ ବିଶ୍ୱର ଅନେକ ଅଞ୍ଚଳରେ ଏହା ସଠିକ୍ ଭାବେ କାର୍ଯ୍ୟ କରୁନାହିଁ । ଭାରତରେ ଗତକାଲିଠାରୁ ଏକ୍ସ ରେ ବାର୍ତ୍ତା ପ୍ରେରଣ ଓ ଗ୍ରହଣ କାର୍ଯ୍ୟ ବହୁ ଅଂଶରେ ପ୍ରଭାବିତ ହୋଇଥିବା ସୂଚନା ଦିଆଯାଇଛି ।

# ମାଣ୍ଡବ୍ୟ-ଆର୍‌ଏନ୍‌ଆଇଏସ୍

କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡବ୍ୟ କହିଛନ୍ତି, ଉତ୍ତର ପୂର୍ବାଞ୍ଚଳରେ ଉଦୀୟମାନ କ୍ରୀଡ଼ା ପ୍ରତିଭାମାନଙ୍କର ବିକାଶ ଲାଗି ନିକଟ ଭବିଷ୍ୟତରେ ଖେଲୋ ଇଣ୍ଡିଆ ଉତ୍ତର ପୂର୍ବାଞ୍ଚଳ କ୍ରୀଡ଼ା ଶୁଭାରମ୍ଭ ହେବ । ନୂଆଦିଲ୍ଲୀ ଠାରେ ଉତ୍ତର ପୂର୍ବାଞ୍ଚଳ ନିବେଶ ସମ୍ମିଳନୀ ୨୦୨୫ରେ ଯୋଗଦେଇ ଡକ୍ଟର ମାଣ୍ଡବ୍ୟ କହିଛନ୍ତି, ଖେଲୋ ଇଣ୍ଡିଆ ପ୍ରତିଯୋଗିତା ଦ୍ୱାରା ଭାରତ ଆଗାମୀ ୧୦ ବର୍ଷ ମଧ୍ୟରେ ଅଲିମ୍ପିକ୍‌ରେ ଶ୍ରେଷ୍ଠ ୧୦ଟି ରାଷ୍ଟ୍ର ମଧ୍ୟରେ ସ୍ଥାନିତ ହୋଇ ପାରିବ ବୋଲି ସେ କହିଛନ୍ତି ।

**V/O (MANDAVIYA)**

୨୦୩୦ କମନ୍ ୱେଲ୍‌ଥ ଗେମ୍‌ସ ଏବଂ ୨୦୩୬ ଗ୍ରୀଷ୍ମକାଳୀନ ଅଲମ୍ପିକ୍ସ ଆୟୋଜନକୁ ଲକ୍ଷ୍ୟ ରଖି କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟ ବର୍ଷ ତମାମ ଆନ୍ତର୍ଜାତିକ କ୍ରୀଡ଼ା ପ୍ରତିଯୋଗିତା ଗୁଡ଼ିକ ଆୟୋଜନ କରିବା ଲାଗି ଲକ୍ଷ୍ୟ ରଖିଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ମାଣ୍ଡବ୍ୟ କହିଛନ୍ତି ।

# ଆଇପିଏଲ୍

ଆଇପିଏଲ୍ ଟି-୨୦ କ୍ରିକେଟ୍ ସିରିଜ୍‌ର ଗତକାଲି ଅନୁଷ୍ଠିତ ମ୍ୟାଚ୍‌ରେ ୬ ୱିକେଟ୍‌ରେ ପଞ୍ଜାବ୍ କିଙ୍ଗ୍‌କୁ ପରାସ୍ତ କରି ଦିଲ୍ଲୀ କ୍ୟାପିଟାଲ୍‌ସ ସପ୍ତମ ବିଜୟ ସହ ଅଭିଯାନ ଶେଷ କରିଛି । ପ୍ରଥମେ ବ୍ୟାଟିଂ କରି ପଞ୍ଜାବ କିଙ୍ଗ୍‌ସ୍ ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟ୍ ବିନିମୟରେ ୨୦୬ ରନ୍ ସ୍କୋର

କରିଥିଲା। ଦିଲ୍ଲୀର ମୁସ୍ତାଫିଜୁର ରହେମାନ୍ ୩ଟି ୱିକେଟ୍ ନେଇଥିବା ବେଳେ ବିପରାଜ ନିଗମ ଏବଂ କୁଲ୍‌ଦୀପ ଯାଦବ ୨ଟି ଲେଖାଏଁ ୱିକେଟ୍ ଅକ୍ତିଆର କରିଥିଲେ ।

୨୦୭ ରନ୍‌ର ବିଜୟଲକ୍ଷ୍ୟକୁ ପିଛା କରି ଦିଲ୍ଲୀ କ୍ୟାପିଟାଲ୍‌ସ ୧୯ ଓଭର୍ ୩ଟି ବଲ୍‌ରେ ୪ ୱିକେଟ୍ ବିନିମୟରେ ୨୦୮ ରନ୍ ସ୍କୋର୍ କରିଥିଲା । ସମୀର ରିଜଭି ଅର୍ଦ୍ଧଶତକ କରିଥିବା ବେଳେ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଘୋଷିତ ହୋଇଥିଲେ । ତେବେ ବିଜୟ ସତ୍ତ୍ୱେ ଦିଲ୍ଲୀ କ୍ୟାପିଟାଲ୍‌ସ ଚଳିତ ଆଇପିଏଲ୍ ସିରିଜ୍‌ରୁ ବାଦ୍ ପଡ଼ିଛି । ପଞ୍ଜାବ କିଙ୍ଗ୍‌ସ ପୂର୍ବରୁ ପ୍ଲେଅଫ୍‌ରେ ସ୍ଥାନ ପାଇସାରିଛି ।

ଆସନ୍ତାକାଲି ଫାଇନାଲ୍ ଲିଗ୍ ମ୍ୟାଚ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ଏବଂ ପଞ୍ଜାବ କିଙ୍ଗସ୍ ମଧ୍ୟରେ ମୁକାବିଲା ହେବ ।

ଆଜି ଆଇପିଏଲ୍‌ରେ ୨ଟି ମ୍ୟାଚ୍ ଅନୁଷ୍ଠିତ ହେବ । ଅହମ୍ମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ଅପରାହ୍ଣ ୩ଟା ୩୦ ମିନିଟ୍‌ରେ ଗୁଜରାଟ ଟାଇଟନ୍ସ ଓ ଚେନ୍ନାଇ ସୁପର୍‌କିଙ୍ଗସ ମଧ୍ୟରେ ମୁକାବିଲା ହେବାକୁ ଥିବା ବେଳେ ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ ଦିଲ୍ଲୀର ଅରୁଣ ଜେଟ୍‌ଲୀ ଷ୍ଟାଡିୟମରେ ସନ୍‌ରାଇଜର୍ସ ହାଇଦ୍ରାବାଦ ଏବଂ କୋଲ୍‌କାତା ନାଇଟ୍ ରାଇଡର୍ସ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ।